the pioneer

# 'Children should be educated in mother tongue'




**PNS** ■ BHUBANESWAR

The children speaking and thinking in their mother tongue, when taught in other languages in different phases, get confused. There is scientific proof of this, said Union Finance Minister Nirmala Sitharaman while unveiling primer books in 'Kui' and Desia languages here on Thursday.

It is necessary that education is imparted in mother tongue, Sitharaman said.

Union Education Minister Dharmendra Pradhan said the two books in Kui and Desia languages have been prepared in 100 days. Pradhan thanked the committee members, specialists and language teachers who toiled hard to prepare these books. The Central Government is serious about imparting education to the students in their mother tongues.

Orissa POST
HERE . NOW
VOLUME 13, ISSUE 138 | www.orissapost.com BHUBANESWAR | FRIDAY AUGUST 18 | 2023 12 PAGES | ₹5.00

# Ministers unveil Kuwi, Desia books

BHUBANESWAR: Union Education and Skill Development & Entrepreneurship Minister Dharmendra Pradhan, and Union Finance & Corporate Affairs Minister Nirmala Sitharaman launched Kuwi and Desia books during an event here Thursday.

The event also witnessed the special cover release on behalf of the Department of Posts under the Ministry of Communications. Addressing the gathering, Pradhan said that there are over 62 tribes covering 23 per cent of total population of Odisha.

So, it becomes necessary to teach students with help of pictures, stories and songs based on their local nature and culture to improve their oral skill, learning outcome and cognitive development, he added. In this regard, the National Council of Educational Research and Training (NCERT), for the first time, in collaboration with Central University of Odisha, has prepared two invaluable books - 'Kuwi Primer' and 'Desia Primer' - for the children who are speaking Kuwi and Desia languages in undivided Koraput district, he mentioned. Sitharaman said the National Education Policy 2020 is a very progressive policy.

"It is a result of different people putting their minds together & extensive consultations. NEP is a flexible policy. It is not something that the Centre decides and imposes on all the states." She further said that when one learns, speaks & thinks in one's mother tongue, there's clarity of thought which can be used later. That's why learning in the mother tongue is important, she added.

FRIDAY
18 AUGUST
2023

The Statesman

www.thestatesman.com
twitter.com/thestatesman
facebook.com/thestatesman

INDIA'S NATIONAL NEWSPAPER SINCE 1818

Pages 12 | ₹ 5.00 | LC

KOLKATA | NEW DELHI | SILIGURI | BHUBANESWAR

PEOPLE'S PARLIAMENT, ALWAYS IN SESSION

The Statesman Fri, 18 August 2023
https://epaper.thestatesman.com/c/73229381

# ESG and Carbon Accounting are emerging areas for CAs : FM

## Digitization has ushered in transparency in economy

STATESMAN NEWS SERVICE
BHUBANESWAR, 17 AUGUST:




Stating that digitization and adaptation of technology has not only brought about transparency but has ushered in a revolution in terms of the retail investors entering the stock market and even the general public being better informed and opening demat accounts etc, said Union Finance Minister Nirmala Sitharaman on here on Thursday.

Addressing the National CA Conference here, she said chartered accountants need to adapt quickly to the new emerging areas like ESG (environmental, social, and governance) and carbon accounting. Fast adoption of technology will enhance productivity , she said.

CA's should support and do a lot of hand holding of sectors like Start-ups and MSMEs, she said while noting that the economy is driven by such new age industries.

The biggest opportunity of digitissation is the spread of financial literacy said noted while giving the example of how during 2020 pandemic a lot of retail investors entered the stock market because digitized accounts and information were available.

She said the government was active in making free trade agreement with UK soon.

Union Education Minister Dharmendra Pradhan said India has emerged as a global power and the fifth largest economy and it on course to become the third largest economy. CAs will be the catalyst of such growth he said.

He however noted that the CAs were not extending the desired level of support and handholding to Start-ups and MSMEs.

Aniket Sunil Talati , president ICAI said the profession has grown and from being confined to metros today CAs are there in every part of the country with four lakh of them and at least 8 lakh students. Social audit standards have been set and we aspire to be the finance and accounting hub of the world.

Rajib Sekhar Sahu, chairman of the organizing committee also addressed the gathering.

Earlier during the day, the Finance Minister and Education Minister attended several functions at Puri including Meri Maati Mera Desh, collected soil and rice in 'amrit kalash' from the birthplace of the Martyr Jayee Rajguru.

The Ministers dedicated Shilaphalakam, planted saplings, administered Panch Pran pledge along with 1000 students.

The Ministers also released books in Kui and Desia at Bhubaneswar, released a special cover of the postal department .

Pradhan mentioned that there are over 62 tribes covering 23% of total population of Odisha, so, it becomes necessary to teach students with help of pictures, stories and songs based on their local nature and culture to improve their speaking skill, learning outcome and cognitive development, he added.

For the first time, in collaboration with Central University of Odisha, two books: the "Kuwi Primer" and "Desia Primer", for those children, who are speaking Kuwi and Desia tribal languages was released.

The FM spoke of the NEP being a very progressive policy. The Ministers interacted with the artisans of Raghurajpur, a heritage crafts village in Puri district, Odisha.

The Statesman Fri, 18 August 2023
https://epaper.thestatesman.com/c/73229357

ସମ୍ବାଦ

## 'କୁଇ' ଓ 'ଦେଶିଆ' ଭାଷାରେ ବର୍ଣ୍ଣମାଳା ପୁସ୍ତକ ଲୋକାର୍ପିତ

# ପିଲାଙ୍କୁ ମାତୃଭାଷାରେ ଶିକ୍ଷାଦାନ ଜରୁରୀ: ନିର୍ମଳା

ଭୁବନେଶ୍ୱର,୧୭/୮(ଇମିସ): ଯେତେବେଳେ ଜଣେ ନିଜ ମାତୃଭାଷାରେ ଶିଖେ, କଥା ହୁଏ ଓ ଚିନ୍ତା କରେ, ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେହି ଭାଷାକୁ ବ୍ୟବହାର କରିବା ନେଇ ସ୍ପଷ୍ଟ ମତ ରଖେ। ମାତ୍ର ଯଦି ପିଲାଙ୍କୁ ପଢ଼ିବା କିମ୍ବା କହିବାଠାରୁ ଭିନ୍ନ ଭାଷା ଶିଖାଯାଏ ତେବେ ସେମାନେ ଦ୍ୱନ୍ଦରେ ପଡ଼ନ୍ତି। ଏହାର ବୈଜ୍ଞାନିକ ପ୍ରମାଣ ରହିଛି ବୋଲି ଆଜି ବର୍ଣ୍ଣମାଳା ଆଧାରିତ 'କୁଇ' ଓ 'ଦେଶୀଆ' ଭାଷା ପୁସ୍ତକ ଲୋକାର୍ପଣ ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପିଲାମାନେ ଯେଉଁ ଭାଷାରେ ଶିକ୍ଷା ଗ୍ରହଣ କରନ୍ତୁ ପଛେ, ମାତୃଭାଷାରେ ଶିକ୍ଷାଦାନ ଜରୁରୀ ଅଟେ। ଜନଜାତି ପିଲାଙ୍କୁ ସାହାଯ୍ୟ କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ପ୍ରକାଶ ଦିଗରେ ପ୍ରୟାସ କରାଯାଉଛି। ସ୍ଥାନୀୟ ଭାଷା ଓ ଉପଭାଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତି ଦ୍ୱାରା ଏକ ଭାରତ, ଶ୍ରେଷ୍ଠ ଭାରତ କଳ୍ପନା ସମୃଦ୍ଧ ହେବ। ଏକ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚସ୍ତରକୁ ନେଇଯିବ ବୋଲି ସେ ମତପ୍ରକାଶ କରିଛନ୍ତି।



କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ ବର୍ଣ୍ଣମାଳା ଆଧାରିତ 'କୁଇ' ଓ 'ଦେଶୀଆ' ଭାଷା ପୁସ୍ତକ ୧୦୦ରୁ କମ୍ ଦିନ ମଧ୍ୟରେ ପ୍ରସ୍ତୁତ ହେଇଛି। ଏହି ପୁସ୍ତକ ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବ। ଛବିଳ ମଧୁ ବର୍ଣ୍ଣବୋଧ ସ୍ୱରୂପ ଦୁଇଟି ଜନଜାତି ଭାଷା ପୁସ୍ତକ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି ସମ୍ପ୍ରଦାୟର ପିଲାମାନେ 'କୁଇ' ଓ 'ଦେଶିଆ' ଭାଷାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହ ଓଡ଼ିଆ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ। କଥନ ସହ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିବେ। କିଛି ମାସ ପୂର୍ବରୁ 'ଜାତୀୟ ଶିକ୍ଷା ଦିବସ' ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଆ ଇଞ୍ଜିନିୟରିଂ ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ଆଜି ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏହି ଦୁଇ ପୁସ୍ତକର ଉନ୍ମୋଚନ ହେବା ଜନଜାତି ସମାଜ ପାଇଁ ଗର୍ବର ବିଷୟ। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଏନସିଇଆରଟି ମିଳିତ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିବା ସ୍କୁଲ ବିଶେଷ ଭାବେ ଜନଜାତି ପିଲାମାନେ ପଢୁଥିବା ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ପାଇଁ ଏକ ଓରିଏନ୍ଟେସନ କାର୍ଯ୍ୟକ୍ରମ କରନ୍ତୁ। 'କୁଇ' ଓ 'ଦେଶୀଆ' ଭାଷା ପୁସ୍ତକ ଭଳି ଅନ୍ୟାନ୍ୟ ଜନଜାତି ଭାଷାରେ ବର୍ଣ୍ଣମାଳା ପୁସ୍ତକ ପ୍ରକାଶ କରିବା ପାଇଁ ରାଜ୍ୟ

### ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବାକୁ କେନ୍ଦ୍ର ସରକାର ପ୍ରତିବଦ୍ଧ: ଧର୍ମେନ୍ଦ୍ର

ସରକାରଙ୍କ ଏସ୍‌ସିଇଆରଟି ଓ ଏନସିଇଆରଟି ମିଶି ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ଏନ୍‌ସିଇଆରଟି ନିର୍ଦ୍ଦେଶକ ଦୀନେଶ କୁମାର ସୁକଲାନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱରସ୍ଥିତ ଆରଆଇଇ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ, ପ୍ରଧାନ ମୁଖ୍ୟ ଡାକ ମହାପ୍ରବନ୍ଧକ ଶୁଭେନ୍ଦୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭରର ଉନ୍ମୋଚନ ହୋଇଥିଲା।



କାହା ଉପରେ ନିର୍ଭର ନହୋଇ ଝିଅମାନେ ସ୍ୱାବଲମ୍ବୀ ହୁଅନ୍ତୁ

ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/23-25
ବର୍ଷ ୧୩ | ସଂଖ୍ୟା ୧୦୮ | ଭୁବନେଶ୍ୱର
୧୮ ଅଗଷ୍ଟ ୨୦୨୩ | ଶୁକ୍ରବାର
20 PAGES | ₹7.00
VOLUME 13 | ISSUE 108 | BHUBANESWAR
18 AUGUST 2023 | FRIDAY
www.prameya.com prameyaodia prameyaodia

ବିଶ୍ୱର ସବୁଠୁ ମହଙ୍ଗା ନାୟିକା



## କୁଇ ଓ ଦେଶିଆ ଭାଷାରେ ବର୍ଣ୍ଣମାଳା ପୁସ୍ତକ ଲୋକାର୍ପିତ

# ମାତୃଭାଷାରେ ବିଚାର ସମୃଦ୍ଧ ହୁଏ

ଭୁବନେଶ୍ୱର,୧୭।୮(ବ୍ୟୁରୋ): ଭାଷା ସହିତ ପ୍ରକୃତିର ସଂପର୍କ ରହିଛି। ଗୋଟିଏ କଥିତ ଭାଷାରୁ ସେହି ଅଞ୍ଚଳର ପ୍ରାକୃତିକ ପରିବେଶର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମାତୃଭାଷା ଦ୍ୱାରା ବିଚାର ସମୃଦ୍ଧ ହୋଇଥାଏ। ତେଣୁ ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଓ ସେହି ଭାଷାରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ରହିଛି। ମାତୃଭାଷାରେ ଶିକ୍ଷା ଗ୍ରହଣ କରୁଥିବା, କହୁଥିବା, ଲେଖୁଥିବା ଓ ଚିନ୍ତା କରୁଥିବା ବ୍ୟକ୍ତି ପାଖରେ ଅଧିକ ବିଚାରଗତ ସ୍ପଷ୍ଟତା ରହିଥାଏ। ଏହି ସ୍ପଷ୍ଟତା ପରବର୍ତ୍ତୀ ସମୟରେ ଅନ୍ୟ ଭାଷାକୁ ସ୍ଥାନାନ୍ତରିତ ହୋଇଥାଏ।

- ✦ ନୂଆ ଶିକ୍ଷା ନୀତିରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ: ସୀତାରମଣ
- ✦ ସବୁ ଭାରତୀୟ ଭାଷାରେ ଶିକ୍ଷାଦାନ ପାଇଁ ଉଦ୍ୟମ ଜାରି ରହିଛି: ଧର୍ମେନ୍ଦ୍ର

ଭୁବନେଶ୍ୱରଠାରେ ଆୟୋଜିତ ବର୍ଣ୍ଣମାଳା ଆଧାରିତ କୁଇ ଓ ଦେଶିଆ ଭାଷା ପୁସ୍ତକ ସହ ଏକ ସ୍ୱତନ୍ତ୍ର ପୋଷ୍ଟାଲ୍ କଭର୍ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହା ▶ ପୃଷ୍ଠା-୯



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ (୧୬ ପୃଷ୍ଠା) Bhubaneswar, Friday, August 18/2023 Page 16 ₹ 7.00 RAYAGADA
୪୯ଶ ଭାଗ ୨୬୩ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 263 ମୂଲ୍ୟ ₹୭/-

# 'କୁଭି', 'ଦେଶିଆ' ଭାଷାର ବର୍ଣ୍ଣମାଳା ପୁସ୍ତକ ଓ ସ୍ୱତନ୍ତ୍ର ପୋଷ୍ଟାଲ କଭର ଉନ୍ମୋଚିତ




ଭୁବନେଶ୍ୱର,୧୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବା ପାଇଁ ପ୍ରସ୍ତୁତ ହୋଇଛି 'କୁଭି' ଓ 'ଦେଶିଆ' ଭାଷାର ବର୍ଣ୍ଣମାଳା ପୁସ୍ତକ। ଏହି ବର୍ଣ୍ଣମାଳା ପୁସ୍ତକଦ୍ୱୟର ନାମ ରହିଛି 'ଦେଶିଆ ଭାଷା ଶିକ୍ଷା' ଓ 'କୁଭି ବାସା ବାପୁ'। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଛନ୍ତି। ଏଥିସହ ସ୍ୱତନ୍ତ୍ର ପୋଷ୍ଟାଲ କଭରକୁ ମଧ୍ୟ ସେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି, ଜଣେ ଯେତେବେଳେ ନିଜ ମାତୃଭାଷାରେ ଶିଖେ, କଥା ହୁଏ ଓ ଚିନ୍ତା କରେ, ସେତେବେଳେ ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେହି ଭାଷାକୁ ବ୍ୟବହାର କରିବା ନେଇ ସ୍ପଷ୍ଟ ମତ ରଖେ। ମାତ୍ର ଯଦି ପିଲାଙ୍କୁ ପଢ଼ିବା କିମ୍ବା କହିବାଠାରୁ ଭିନ୍ନ ଭାଷା ଶିଖାଯାଏ, ତେବେ ସେମାନେ ଦ୍ୱନ୍ଦ୍ୱରେ ପଡନ୍ତି। ସେଥିପାଇଁ

## ମାତୃଭାଷାରେ ଶିକ୍ଷାଦାନ ଜରୁରୀ: କେନ୍ଦ୍ର ଅର୍ଥମନ୍ତ୍ରୀ

ମାତୃଭାଷାରେ ଶିକ୍ଷାଦାନ ଜରୁରୀ। ଭାଷା ସହିତ ପ୍ରକୃତିର ସମ୍ପର୍କ ରହିଛି। ଗୋଟେ ଭାଷାରୁ ସେ ଅଞ୍ଚଳର ପ୍ରାକୃତିକ ପରିବେଶର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଓ ସେହି ଭାଷାରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ରହିଛି ବୋଲି ସୀତାରାମନ କହିଛନ୍ତି।

ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଏହି ପୁସ୍ତକ ୧୦୦ରୁ କମ୍ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଛି। ଛବିକ ମଧ୍ୟ ବର୍ଣ୍ଣବୋଧ ସ୍ୱରୂପ ୨ଟି ଜନଜାତି ଭାଷାଭାଷୀ ପୁସ୍ତକ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି ସମ୍ପ୍ରଦାୟର ପିଲାମାନେ 'କୁଭି' ଓ 'ଦେଶିଆ' ଭାଷାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହିତ ଓ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ। କଥନ ସହିତ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିପାରିବେ। ମାତୃଭାଷାରେ ପାଠ ପଢ଼ିଲେ ହିଁ ପିଲାଙ୍କର ମାନସିକ ବିକାଶ, ତର୍କ, ଶାସ୍ତ୍ରୀୟ ଅନୁସନ୍ଧାନ କ୍ଷମତା ବୃଦ୍ଧି ହୋଇଥାଏ। ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢ଼ା ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ପୁସ୍ତକ ପ୍ରସ୍ତୁତ କରିଥିବା ଡ. ମହେନ୍ଦ୍ର ମିଶ୍ର ଓ ତାଙ୍କ ଟିମ୍‌କୁ ସମ୍ମାନିତ କରାଯାଇଥିଲା। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଏନ୍‌ସିଇଆରଟିର ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଏନ୍‌ସିଇଆରଟିର ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକ୍ଲାନୀ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଅଗ୍ରୱାଲ୍, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ତ୍ରିପାଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

103 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

Cuttack, Friday 18 August 2023
କଟକ, ଶୁକ୍ରବାର ୧୮ ଅଗଷ୍ଟ ୨୦୨୩
ଆଜି ସିଂହ ୨ ଦିନ, ୧୪୩୦ ସାଲ
ଶ୍ରାବଣ ୨୭ ଦିନ, ୧୯୪୫ ଶକାବ୍ଦ, ଶୁକ୍ଳପକ୍ଷ ଦ୍ୱିତୀୟା
ଭାଗ- ୯୪ ସଂଖ୍ୟା- ୨୨୫
www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୮ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ଯଚ୍ଛ୍ରୋତ୍ରେଣ ନ ଶୃଣୋତି ଯେନ ଶ୍ରୋତ୍ରମିଦଂ ଶ୍ରୁତମ୍ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ।।
(କେନୋପନିଷଦ୍-୬)

ଯେ କର୍ଣ୍ଣଦ୍ୱାରା ଶୁଣାଯାଏ ନାହିଁ ଅର୍ଥାତ୍ କର୍ଣ୍ଣ ଯାହାକୁ ଶୁଣିପାରେ ନାହିଁ ଅଥଚ କର୍ଣ୍ଣ ଯାହାର ଶକ୍ତିଦ୍ୱାରା ଶୁଣିବାକୁ ସମର୍ଥ ହୋଇଥାଏ ତାହାକୁ ତୁମେ ବ୍ରହ୍ମ ବୋଲି ଜାଣ। ଆମେ ଯାହାକୁ ଉପାସନା କରୁ ସେ ବ୍ରହ୍ମ ନୁହନ୍ତି।

### 'କୁଇ' ଓ 'ଦେଶିଆ' ଭାଷାରେ ବର୍ଣ୍ଣମାଳା ପୁସ୍ତକ ଉନ୍ମୋଚନ

# ମାତୃଭାଷାରେ ଶିକ୍ଷା ହିଁ ଶ୍ରେଷ୍ଠତା ଦେଇପାରିବ: ନିର୍ମଳା

ଭୁବନେଶ୍ୱର,୧୭ ।୮ (ନି.ପ୍ର): ଭାଷା ସହିତ ପ୍ରକୃତିର ସମ୍ପର୍କ ରହିଛି । କାରଣ ଗୋଟିଏ କଥିତ ଭାଷାରୁ ସେହି ଅଞ୍ଚଳର ପ୍ରାକୃତିକ ପରିବେଶର ପ୍ରତିଫଳନ ଦେଖିବାକୁ ମିଳିଥାଏ । ମାତୃଭାଷା ଦ୍ୱାରା ବିଚାର ସମୃଦ୍ଧ ହୋଇଥାଏ । ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଏବଂ ସେହି ଭାଷାରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ରହିଛି । ମାତୃଭାଷାରେ ଶିକ୍ଷା ଗ୍ରହଣ କରୁଥିବା, କହୁଥିବା, ଲେଖୁଥିବା ଓ ଚିନ୍ତା କରୁଥିବା ଲୋକ ପାଖରେ ଅଧିକ ବିଚାରଗତ ସ୍ୱଚ୍ଛତା ରହିଥାଏ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ।

ଗୁରୁବାର ହୋଟେଲ ମେ'ଫେୟାରରେ କୁଇ ଏବଂ ଦେଶିଆ ଭାଷା ଶିକ୍ଷା ପୁସ୍ତକ ଏବଂ ଡାକ ଲଫାପା ଉନ୍ମୋଚନ ସମାରୋହରେ ଶ୍ରୀମତୀ ସୀତାରମଣ ମୁଖ୍ୟ ଅତିଥି ଭାବେ କହିଥିଲେ ଯେ, ଇଂରାଜୀ ଭାଷାରେ ଶିକ୍ଷାଦାନ ଓ ଦକ୍ଷତା ହାସଲର ଦୌଡ଼ରେ ଆମେ ମାତୃଭାଷାକୁ ଭୁଲିଯିବା ଭଳି ସ୍ଥିତିରେ ପହଞ୍ଚିଛୁ । ଓଡ଼ିଶା ଭଳି ଭାଷା ଭିତ୍ତିରେ ଗଠନ ହୋଇଥିବା ରାଜ୍ୟଗୁଡ଼ିକ ସେମାନଙ୍କ ମାତୃଭାଷା ଉପରେ ଗୁରୁତ୍ୱ ଦେଉଛନ୍ତି । ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା କରାଯାଇଛି । ଛୋଟ ପିଲାଙ୍କୁ ଆରମ୍ଭରୁ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଥିଲେ ଯେ, ପିଲାଟିଏ ଛୋଟ ଥିବା ସମୟରେ ସବୁଠୁ ଅଧିକ ଜ୍ଞାନ ହାସଲ କରିଥାଏ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି । ତେଣୁ ପ୍ରାରମ୍ଭିକ ଅବସ୍ଥାରେ ପିଲାଙ୍କୁ ମାତୃଭାଷା କହିବା, ଲେଖିବା ଓ ପଢ଼ିବା ଶିଖାଇଲେ ତା'ର ଜ୍ଞାନ ସମୃଦ୍ଧ ହୋଇଥାଏ । ସେ କହିଥିଲେ ଯେ, ଜନଜାତି ପିଲାଙ୍କୁ ସାହାଯ୍ୟ କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଞ୍ଚଳିକ ଭାଷାରେ ପାଠ୍ୟ ପୁସ୍ତକ ପ୍ରକାଶନ ପ୍ରୟାସ କରାଯାଉଛି । ସ୍ଥାନୀୟ ଭାଷା ଏବଂ ଉପଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭାରତ, ଶ୍ରେଷ୍ଠ ଭାରତ କଳ୍ପନା ସମୃଦ୍ଧ ହେବ ।

### ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟ ଦୂର କରିବ: ଧର୍ମେନ୍ଦ୍ର

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, 'କୁଇ ଓ 'ଦେଶିଆ' ଭାଷା ପୁସ୍ତକ ୧୦୦ରୁ କମ୍ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଛି । ଏହି ପୁସ୍ତକ ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବ । ସେ କହିଥିଲେ, ଗତ ଉତ୍କଳ ଦିବସ ଅବସରରେ କୋରାପୁଟ ଜିଲାର କୋଟିଆ ଅଞ୍ଚଳ ଗସ୍ତ ଅବସରରେ ପିଲାମାନଙ୍କ ସହ କଥା ହେବାବେଳେ ଏଭଳି ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯାହା ଏହି ଦୁଇ ପୁସ୍ତକ ଉନ୍ମୋଚନ ପାଇଁ ସୁଯୋଗ ସୃଷ୍ଟି କରିଥିଲା । ସେଠାରେ କନ୍ଧ ସମୁଦାୟ ଛାତ୍ରଛାତ୍ରୀ ଶ୍ରେଣୀଗୃହରେ ଓଡ଼ିଆରେ କଥା ହୋଇପାରୁ ନଥିଲେ ଏବଂ ଶିକ୍ଷକମାନେ ସମସ୍ତେ ଓଡ଼ିଆ ହୋଇଥିବାରୁ ପିଲାଙ୍କ ଭାଷା ବୁଝିପାରୁ ନ ଥିବା ଜଣାଯାଇଥିଲା । ଏଥିପାଇଁ ପୁସ୍ତକ ଦୁଇଟିର ପ୍ରସ୍ତୁତି କାର୍ଯ୍ୟରେ ନିଜର ବହୁମୂଲ୍ୟ ଶ୍ରମ ଓ ସମୟ ବିନିଯୋଗ କରିଥିବା କମିଟି ସଦସ୍ୟ,




ବିଶେଷଜ୍ଞ ଓ ଭାଷା-ଶିକ୍ଷକମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଥିଲେ । ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢା ହେବ । ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଥିଲେ । କାର୍ଯ୍ୟକ୍ରମରେ ଏନସିଇଆରଟିର ନିର୍ଦ୍ଦେଶକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ଥିଲେ ।

Swadhikar ଅଗଷ୍ଟ ୧୮, ଶୁକ୍ରବାର, ୨୦୨୩, କେନ୍ଦ୍ରାପଡ଼ା

ସ୍ୱାଧିକାର
Swadhikar

## ‘କୁଭି’ ଓ ‘ଦେଶୀଆ’ ଭାଷାରେ ବର୍ଣ୍ଣମାଳା ପୁସ୍ତକ ଉନ୍ମୋଚିତ

# ଭାଷା ପୁସ୍ତକ ଦ୍ୱାରା ଶ୍ରେଷ୍ଠ ଭାରତ ପରିକଳ୍ପନା ସମ୍ଭବ : କେନ୍ଦ୍ର ଅର୍ଥମନ୍ତ୍ରୀ

ଭୁବନେଶ୍ୱର ୧୭/୮ (ସ୍ୱାଧିକାର ବ୍ୟୁରୋ): ମାତୃଭାଷାରେ କଥା କହୁଥିବା ଓ ଶିକ୍ଷା କରିଥିବା ପିଲାମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଭିନ୍ନ ଭାଷାରେ ଶିଖାଇଲେ ସେମାନଙ୍କ ମନରେ ଦ୍ୱନ୍ଦ୍ୱ ଜାତ ହୋଇଥାଏ ବୋଲି ଗୁରୁବାର ଭୁବନେଶ୍ୱର ଠାରେ ବର୍ଣ୍ଣମାଳା ଆଧାରିତ ‘କୁଭି’ ଓ ‘ଦେଶୀଆ’ ଭାଷା ପୁସ୍ତକ ସହ ଏକ ସ୍ୱତନ୍ତ୍ର ପୋର୍ଟାଲ ଜରିଆରେ ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି।

ସେ କହିଛନ୍ତି ଯେ ଯେତେବେଳେ ଜଣେ ନିଜ ମାତୃଭାଷାରେ ଶିଖେ, କଥା ହୁଏ ଓ ଶିକ୍ଷା କରେ, ସେତେବେଳେ ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେହି ଭାଷାକୁ ବ୍ୟବହାର କରିବା ନେଇ ସ୍ପଷ୍ଟ ମତ ରଖେ। ମାତ୍ର ଯଦି ପିଲାଙ୍କୁ ପଢ଼ିବା କିମ୍ବା କହିବା ଠାରୁ ଭିନ୍ନ ଭାଷା ଶିଖାଯାଏ ତେବେ ସେମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏହାର ବୈଜ୍ଞାନିକ ପ୍ରମାଣ ମଧ୍ୟ ରହିଛି। ସେଥିପାଇଁ ମାତୃଭାଷାରେ ଶିକ୍ଷା ଦାନ ଜରୁରୀ ଅଟେ। ସେ ଆହୁରି କହିଛନ୍ତି ଯେ ଜନଜାତି ପିଲାଙ୍କୁ ସାହାଯ୍ୟ କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଞ୍ଚଳିକ ଭାଷାରେ ପାଠ୍ୟ ପୁସ୍ତକ ପ୍ରୟାସ କରାଯାଉଛି। ସ୍ଥାନୀୟ ଭାଷା ଏବଂ ଉପଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଭାରତ, ଶ୍ରେଷ୍ଠ ଭାରତ କଳ୍ପନା ସମ୍ଭବ ହେବ।




ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ କରକମଳରେ ଉନ୍ମୋଚିତ ବର୍ଣ୍ଣମାଳା ଆଧାରିତ ‘କୁଭି’ ଓ ‘ଦେଶୀଆ’ ଭାଷା ପୁସ୍ତକ ୧୦୦ରୁ କମ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକ ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବ। ପ୍ରଧାନ କହିଛନ୍ତି ଯେ ଗତ ଉତ୍କଳ ଦିବସ ଅବସରରେ କୋରାପୁଟ ଜିଲ୍ଲାର ବୋଟିଆ। ଅଂଚଳ ଗସ୍ତ କରୁଥିବାବେଳେ ସେ ପିଲାମାନଙ୍କ ସହ କଥା ହୋଇଥିଲେ। ମାତ୍ର ସେଠାରେ ସେ ଜନଜାତି ସମ୍ପ୍ରଦାୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ଓଡ଼ିଆରେ କଥା ହୋଇପାରୁ ନଥିଲେ ଏବଂ ଶିକ୍ଷକମାନେ ସମସ୍ତେ ଓଡ଼ିଆ। ହୋଇଥିବାରୁ ପିଲାଙ୍କ ଭାଷା ବୁଝିପାରୁ ନଥିବାର ଲକ୍ଷ୍ୟ କରିଥିଲେ। ଏଥିପାଇଁ ସେ ଜନଜାତି ପିଲା ମାନଙ୍କ ପାଇଁ ‘କୁଭି’ ଓ ‘ଦେଶୀଆ’ ଭାଷାରେ ଛବିଳ ମଧ୍ୟ ବର୍ଣ୍ଣବୋଧ ପରି ପୁସ୍ତକ କରିବା ପାଇଁ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗରେ ଏନସିଇଆରଟିକୁ ପରାମର୍ଶ ଦେଇଥିଲେ ବୋଲି ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଛବିଳ ମଧ୍ୟ ବର୍ଣ୍ଣବୋଧ ସ୍ୱରୂପ ଦୁଇଟି ଜନଜାତି ଭାଷାଭାଷୀ ପୁସ୍ତକ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି ସମ୍ପ୍ରଦାୟର ପିଲାମାନେ ‘କୁଭି’ ଓ ‘ଦେଶିଆ’ ଭାଷାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହିତ ଓଡ଼ିଆ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ। କଥନ ସହିତ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିପାରିବେ। ଏଥିପାଇଁ ପ୍ରଧାନ ପୁସ୍ତକ ଦ୍ୱୟଟିର ପ୍ରସ୍ତୁତି କାର୍ଯ୍ୟରେ ନିଜର ବହୁମୂଲ୍ୟ ଶ୍ରମ ଓ ସମୟ ବିନିଯୋଗ କରିଥିବା କମିଟି ସଦସ୍ୟ, ବିଶେଷଜ୍ଞ ଓ ଭାଷା-ଶିକ୍ଷକମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

କିଛି ମାସ ପୂର୍ବରୁ ‘ଜାତୀୟ ଶିକ୍ଷା ଦିବସ’ ଅବସରରେ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଆ। ଲର୍ଣ୍ଣିଂ ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ଆଜି ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏହି ଦୁଇ ପୁସ୍ତକର ଉନ୍ମୋଚନ ହେବା ଓଡ଼ିଶା ବିଶେଷ ଭାବରେ ଜନଜାତି ସମାଜ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ସର୍ବଦା ପ୍ରାଥମିକତା ଦିଆଯାଉଛି। ମାତୃଭାଷାରେ ପାଠ ପଢ଼ିଲେ ହିଁ ପିଲାଙ୍କର ମାନସିକ ବିକାଶ, କ୍ରିଟିକାଲ ଥିଙ୍କିଂ ତଥା ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ହୋଇଥାଏ। ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢ଼ା ହେବ। ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ। ଆଜିର କାର୍ଯ୍ୟକ୍ରମ ମଧ୍ୟ ମୋଦି ସରକାରର କାର୍ଯ୍ୟଶୈଳୀର ପ୍ରତିଫଳନ।

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଏନସିଇଆରଟି ମିଳିତ ଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିବା ସ୍କୁଲ ବିଶେଷ ଭାବରେ ଜନଜାତି ପିଲାମାନେ ପଢ଼ୁଥିବା ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ କରନ୍ତୁ। ‘କୁଭି’ ଓ ‘ଦେଶୀଆ’ ଭାଷା ପୁସ୍ତକ ଭଳି ଅନ୍ୟାନ୍ୟ ଜନଜାତି ଭାଷାରେ ବର୍ଣ୍ଣମାଳା ପୁସ୍ତକ ପ୍ରକାଶ କରିବା ପାଇଁ ଏସସିଇଆରଟି ଓ ଏନସିଇଆରଟି ମିଶି ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।

*PRAGATIVADI*

*18.08.2023*

# କୋଟିଆରୁ କୁଇ ଓ ଦେଶିଆ ବର୍ଣ୍ଣବୋଧ

## 'ମାତୃଭାଷାରେ ଶିକ୍ଷାଦାନ ଜ୍ଞାନକୁ ସମୃଦ୍ଧ କରିଥାଏ'




■ ଭୁବନେଶ୍ୱର, ତା୧୭।୮ (ପିଏନଏସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରିଥିଲେ। କୋଟିଆର ପ୍ରାଥମିକ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ଭେଟିଥିଲେ। ଗଦବା, ପରଜା, ବଣ୍ଡା ଆଦି ଆଦିବାସୀ ବର୍ଗର ପିଲାମାନଙ୍କୁ ଭେଟିଲା ବେଳେ ସେମାନେ ଓଡ଼ିଆ ସହିତ ପରିଚିତ ନଥିବା ଜାଣିଥିଲେ। ସେମାନଙ୍କ ମାତୃଭାଷାରେ ଓଡ଼ିଆ ବହି ନଥିବାରୁ ସେମାନେ ପଢ଼ିପାରୁନଥିବା ଜାଣିଥିଲେ।

ସେଦିନ ଶ୍ରୀ ପ୍ରଧାନ ନିଷ୍ପତ୍ତି କରିଥିଲେ ସେହି ଆଦିବାସୀ ଭାଷାରେ ଓଡ଼ିଆ ବହି ପ୍ରକାଶ କରିବେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଏନସିଇଆରଟିକୁ ଏହି ଦାୟିତ୍ୱ ଦିଆଯାଇଥିଲା। ମହେନ୍ଦ୍ର କୁମାର ମିଶ୍ର ଓ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଦୁଇଟି ବହି 'କୁଇ ଏବଂ ଦେଶିଆ' ଭାଷାରେ ପ୍ରକାଶ ପାଇଲା।

ଗୁରୁବାର କେନ୍ଦ୍ର ଅର୍ଥ ଓ କର୍ପୋରେଟ ମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଦୁଇଟି ପୁସ୍ତକର ଉନ୍ମୋଚନ କରିଛନ୍ତି । ଏହାର ଉନ୍ମୋଚନ କରି ସେ କହିଛନ୍ତି ଯେ, ଇଂରାଜୀ ଭାଷାରେ ଶିକ୍ଷାଦାନ ଓ ଦକ୍ଷତା ହାସଲର ଦୌଡ଼ରେ ଆମେ ମାତୃଭାଷାକୁ ଭୁଲିଯିବା ଭଳି ସ୍ଥିତିରେ ଆସି ପହଞ୍ଚିଛୁ। କିନ୍ତୁ ମାତୃଭାଷାରେ ଶିକ୍ଷାଦାନ ଜ୍ଞାନକୁ ସମୃଦ୍ଧ କରିଥାଏ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କହିଥିଲେ, ଦେଶିଆ ଓ କୁଇ ଭାଷାରେ ଆଜି ଉନ୍ମୋଚନ କରାଯାଇଥିବା ଦୁଇଟି ପୁସ୍ତକ ଆଦିବାସୀ ସମୁଦାୟର ପିଲାଙ୍କ ଶିକ୍ଷାଦାନ ପାଇଁ ବର୍ଣ୍ଣବୋଧ ଭଳି କାମ କରିବ। ଆଦିବାସୀଙ୍କ ସାଂସ୍କୃତିକ, ଭାଷାଗତ ଐତିହ୍ୟ ଓ ପରିଚୟକୁ ସଂରକ୍ଷିତ ଓ ପ୍ରୋତ୍ସାହିତ କରିବ। ମାତୃଭାଷାରେ ଶିକ୍ଷାଦାନ ଜାତୀୟ ଶିକ୍ଷା ନୀତିର ଏକ ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର ଜୋର ଦେଇ କହିଛନ୍ତି। ମାତୃଭାଷାରେ ଶିକ୍ଷାଦାନ ନହେବା ପର୍ଯ୍ୟନ୍ତ ପିଲାର ଚିନ୍ତନ, ତର୍କ କ୍ଷମତା, ଅନୁସନ୍ଧାନ ମନୋବୃତ୍ତି ବିକଶିତ ହୋଇପାରିବ ନାହିଁ।

ଶ୍ରୀ ପ୍ରଧାନ କହିଥିଲେ ଯେ, ଓଡ଼ିଶାରେ ୭୫ଟି ଆଦିବାସୀ ଜାତି ଓ ଉପଜାତି ରହିଛି। ଏମାନେ ୭୨ଟି କଥିତ ଭାଷାରେ କଥା ହୋଇଥାନ୍ତି। ଧୀରେ ଧୀରେ ସବୁ ଭାରତୀୟ ଭାଷାରେ ଶିକ୍ଷାଦାନ ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଜାରି ରହିଛି। ଦେଶର ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ମୋଦୀ ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଏନସିଇଆରଟିର ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକଲାନୀଙ୍କ ସମେତ ବହୁ ଭାଷାବିତ୍, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।

*DINALIPI*



# ମଧୁବାବୁ ପେନସନ ଯୋଜନାରେ ୧୪୧୨ ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ହିଞ୍ଜିଳିକାଟୁ,(ନି.ପ୍ର): ରାଜ୍ୟରେ ୭୭ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପରିସରରେ ୧୪୧୨ ଜଣ ନୂତନ ହିତାଧିକାରୀଙ୍କୁ ନଗଦ ଟଙ୍କା ୧ମ କିସ୍ତିରେ ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ସୁବ୍ରତ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ଓଡ଼ିଶା ରାଜ୍ୟ କୃଷି ବିପଣନ ମଣ୍ଡଳୀ ଉପଦେଷ୍ଟା ତଥା ପ୍ରମୁଖ ସଚିବ ସୁରେନ୍ଦ୍ର ନାଥ ପ୍ରଧାନ, ଗଞ୍ଜାମ ଜିଲ୍ଲା ଯୋଜନା କମିଟି ବିଶେଷଜ୍ଞ ସଦସ୍ୟ ଏନ. ରଘୁନାଥ, ଜିଲ୍ଲା ପରିଷଦ ସଭ୍ୟ ଏ. ସୁଦର୍ଶନ ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ପାଇଁ ଅତିଥିମାନେ ଅନୁରୋଧ କରିଥିଲେ। ସ୍ଥାନୀୟ ବ୍ଲକର ୨୧ଟି ପଞ୍ଚାୟତରେ ନୂତନ ଭାବେ ସାମିଲ ହୋଇଥିବା ୯୦୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୩୪୧ ଜଣ ବିଧବା ଭତ୍ତା, ୧୩୪ ଜଣ ଭିନ୍ନକ୍ଷମ ଭତ୍ତା ଓ ୩୪ ଜଣଙ୍କୁ ଅବିବାହିତା ମହିଳା ଭତ୍ତାର ପ୍ରଥମ କିସ୍ତି ନଗଦ ରାଶି ପ୍ରଦାନ କରାଯାଇ ଥିଲା।



ସ୍ଥାନୀୟ ବ୍ଲକର ରାଳବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରଶ୍ମିତା କୁମାରୀ ପ୍ରଧାନ ମଧୁବାବୁ ପେନସନ ଯୋଜନାରେ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଭତ୍ତା ରାଶି ପ୍ରଦାନ କରିଥିଲେ। ଅନୁରୂପ ଭାବେ ତାଲୁଲି ପଞ୍ଚାୟତରେ ସରପଞ୍ଚ ସୁନିତା ସାହୁ, ଓଏସଏଏମବିଏ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଏ. ସୁଦର୍ଶନ ଉପସ୍ଥିତ ରହି ହିତାଧିକାରୀଙ୍କ କିସ୍ତି ବଣ୍ଟନ କରିଥିଲେ।

କାର୍ଯ୍ୟକ୍ରମରେ ଏବିଡ଼ିଓ ଅରୁଣ କୁମାର ପ୍ରଧାନ, ଗାନ୍ଧୀ ସାମାଜିକ ସୁରକ୍ଷା ଅଧିକାରୀ ବେହେରା, ସୁଶାନ୍ତ କୁମାର ମଲ୍ଲିକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ବିଜୟ କୁମାର ସେଠୀ,କାଳୁ ଚରଣ ବେହେରା, ସୁଶାନ୍ତ କୁମାର ପଟ୍ଟନାୟକ,ବାସୁଦେବ ବେହେରା, ବୈଷ୍ଣବ ମଣ୍ଡଳ, ଇ.ଶଙ୍କର ରାଓ, ଜି.ଯୁଧିଷ୍ଠିର ରେଡ୍ଡୀ, ବି.ହରି, ବେଣୁଧର ବେହେରା ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

*DARSHAN*

*17.08.2023*

# ଭୁବନେଶ୍ୱରରେ 'କୁଭି' ଓ 'ଦେଶିଆ' ଭାଷାରେ ବର୍ଣ୍ଣମାଳା ପୁସ୍ତକର ଉନ୍ମୋଚନ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ




**ଭୁବନେଶ୍ୱର,୧୭।୮(ଦର୍ଶନ ନ୍ୟୁଜ୍):** ମାତୃଭାଷାରେ କଥା କହୁଥିବା ଓ ଚିନ୍ତା କରିଥିବା ପିଲା ମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଭିନ୍ନ ଭାଷାରେ ଶିଖାଗଲେ ସେମାନଙ୍କ ମନରେ ଦ୍ୱନ୍ଦ୍ୱ ଜାତ ହୋଇଥାଏ ବୋଲି ଗୁରୁବାର ଭୁବନେଶ୍ୱର ଠାରେ ବର୍ଣ୍ଣମାଳା ଆଧାରିତ 'କୁଭି' ଓ 'ଦେଶିଆ' ଭାଷା ପୁସ୍ତକ ସହ ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭରର ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ଜଣେ ନିଜ ମାତୃଭାଷାରେ ଶିଖେ, କଥା ହୁଏ ଓ ଚିନ୍ତା କରେ, ସେତେବେଳେ ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେହି ଭାଷାକୁ ବ୍ୟବହାର କରିବା ନେଇ ସ୍ପଷ୍ଟ ମତ ରଖେ। ମାତ୍ର ଯଦି ପିଲାଙ୍କୁ ପଢ଼ିବା କିମ୍ବା କହିବା ଠାରୁ ଭିନ୍ନ ଭାଷା ଶିଖାଯାଏ ତେବେ ସେମାନେ ଦ୍ୱନ୍ଦ୍ୱରେ ପଡନ୍ତି। ଏହାର ବୈଜ୍ଞାନିକ ପ୍ରମାଣ ମଧ୍ୟ ରହିଛି। ସେଥିପାଇଁ ମାତୃଭାଷାରେ ଶିକ୍ଷା ଦାନ ଜରୁରୀ ଅଟେ। ସେ ଆହୁରି କହିଛନ୍ତି ଯେ ଜନଜାତି ପିଲାଙ୍କୁ ସାହାଯ୍ୟ କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଞ୍ଚଳିକ ଭାଷାରେ ପାଠ୍ୟ ପୁସ୍ତକ ପ୍ରୟାସ କରାଯାଉଛି। ସ୍ଥାନୀୟ ଭାଷା ଏବଂ ଉପଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଭାରତ, ଶ୍ରେଷ୍ଠ ଭାରତ କଳ୍ପନା ସମୃଦ୍ଧ ହେବ। ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ କରକମଳରେ ଉନ୍ମୋଚିତ ବର୍ଣ୍ଣମାଳା ଆଧାରିତ 'କୁଭି' ଓ 'ଦେଶିଆ' ଭାଷା ପୁସ୍ତକ ୧୦୦ରୁ କମ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକ ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ଉତ୍କଳ ଦିବସ ଅବସରରେ କୋରାପୁଟ ଜିଲ୍ଲାର କୋଟିଆ ଅଂଚଳ ଗସ୍ତ କରାବେଳେ ସେ ପିଲାମାନଙ୍କ ସହ କଥା ହୋଇଥିଲେ। ମାତ୍ର ସେଠାରେ ସେ ଜନ ସମୁଦାୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ଓଡ଼ିଆରେ କଥା ହୋଇପାରୁ ନଥିଲେ ଏବଂ ଶିକ୍ଷକମାନେ ସମସ୍ତେ ଓଡ଼ିଆ ହୋଇଥିବାରୁ ପିଲାଙ୍କ ଭାଷା ବୁଝିପାରୁ ନଥିବାର ଲକ୍ଷ୍ୟ କରିଥିଲେ। ଏଥିପାଇଁ ସେ ଜନଜାତି ପିଲା ମାନଙ୍କ ପାଇଁ 'କୁଭି' ଓ 'ଦେଶିଆ' ଭାଷାରେ ଛବିଳ ମଧୁ ବର୍ଣ୍ଣବୋଧ ପରି ପୁସ୍ତକ କରିବା ପାଇଁ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗରେ ଏନସିଇଆରଟିକୁ ପରାମର୍ଶ ଦେଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଛବିଳ ମଧୁ ବର୍ଣ୍ଣବୋଧ ସ୍ୱରୂପ ଦୁଇଟି ଜନଜାତି ଭାଷାଭାଷୀ ପୁସ୍ତକ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି ସମ୍ପ୍ରଦାୟର ପିଲାମାନେ 'କୁଭି' ଓ 'ଦେଶିଆ' ଭାଷାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହିତ ଓଡ଼ିଆ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ। କଥନ ସହିତ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିପାରିବେ। ଏଥିପାଇଁ ଶ୍ରୀ ପ୍ରଧାନ ପୁସ୍ତକ ଦୁଇଟିର ପ୍ରସ୍ତୁତି କାର୍ଯ୍ୟରେ ନିଜର ବହୁମୂଲ୍ୟ ଶ୍ରମ ଓ ସମୟ ବିନିଯୋଗ କରିଥିବା କମିଟି ସଦସ୍ୟ, ବିଶେଷଜ୍ଞ ଓ ଭାଷା-ଶିକ୍ଷକମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। କିଛି ମାସ ପୂର୍ବରୁ 'ଜାତୀୟ ଶିକ୍ଷା ଦିବସ' ଅବସରରେ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଆ ଲିପିଲିପି ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ଆଜି ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏହି ଦୁଇ ପୁସ୍ତକର ଉନ୍ମୋଚନ ହେବା ଓଡ଼ିଶା ବିଶେଷ ଭାବରେ ଜନଜାତି ସମାଜ ପାଇଁ ଗର୍ବର ବିଷୟ।

ସକାଳ
THE SAKALA
Bhubaneswar - 18 Aug 2023 - Page 1

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
VOLUME 41 • ISSUE 54 • BHUBANESWAR • FRIDAY • 18 AUGUST 2023 • PAGE 16 • ₹ 6.00



'ବାହାର ଲୋକ' ଭାବେ ବଲିଉଡ୍‌କୁ ପ୍ରବେଶ ହୋଇଛି
▶ପୃଷ୍ଠା ୨ ଦେଖନ୍ତୁ...

■ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଦୁଇ ଆଦିବାସୀ ପୁସ୍ତକ ଉନ୍ମୋଚିତ

# ସ୍ଥାନୀୟ ପରିବେଶ ହିଁ ଭାଷାକୁ ପ୍ରଭାବିତ କରେ: ସୀତାରମଣ




**ଭୁବନେଶ୍ୱର,୧୭।୮(ସମିସ):** ଆମ ଦେଶ ଭାରତରେ ଭାଷାର ବିବିଧତା ରହିଛି। ସ୍ଥାନୀୟ ପରିବେଶ ହିଁ ମୁଖ୍ୟତଃ ଭାଷାକୁ ପ୍ରଭାବିତ କରେ। ମାତୃଭାଷାରେ ଚିନ୍ତା କରିବା ଓ ଶିକ୍ଷାଗ୍ରହଣ କରିବା ଦ୍ୱାରା ପାଠକୁ ସ୍ୱଷ୍ଟ ଭାବେ ବୁଝିହୁଏ। ଜାତୀୟ ଶିକ୍ଷାନୀତି-୨୦୨୦ରେ ଶିଶୁଙ୍କୁ ୩ ରୁ ୮ ବର୍ଷ ମଧ୍ୟରେ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷାଦାନର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଭୁବନେଶ୍ୱରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ଆଦିବାସୀ ଭାଷାର ଦୁଇ ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହା ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏହି ଦୁଇ ପୁସ୍ତକରେ ଓଡ଼ିଶାରେ ୭୨ଟି ଜନଜାତି ଭାଷା ଓ ସେମାନଙ୍କ ଉପଭାଷା ଅଛି। ଏହି ପୁସ୍ତକ ମାଧ୍ୟମରେ ପିଲାମାନେ ଏକା ସଙ୍ଗେ ଆଦିବାସୀ ଧ୍ୱନି ଓ ବର୍ଣ୍ଣ ବିଷୟରେ ଶିଖିପାରିବେ। ଏହି ପୁସ୍ତକ ଦୁଇଟିରେ ଜନଜାତି ଭାଷାରେ କାହାଣୀ,ଚିତ୍ର,ଲୋକଗୀତ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦୁଇ ପୁସ୍ତକ ପ୍ରସ୍ତୁତି ପଛରେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ଏହା ସହ ଆଗକୁ ଅନ୍ୟ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପାଇଁ ପୁସ୍ତକ ପ୍ରସ୍ତୁତି କରାଯିବ ବୋଲି ସେ କହିଛନ୍ତି। ଆଦିବାସୀ ଭାଷାରେ ଶିକ୍ଷାଦାନ କରିବା ପାଇଁ କୋରାପୁଟର ସବୁ ସରକାରୀ ସ୍କୁଲର ଶିକ୍ଷକମାନଙ୍କୁ ନେଇ ଏକ ଓରିଏଣ୍ଟେସନ ପ୍ରୋଗ୍ରାମ ହେବ ବୋଲି ସେ କହିଛନ୍ତି। ଏନସିଇଆରଟି ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକଲାନି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁଙ୍କ ପ୍ରୟାସରେ ପ୍ରସ୍ତୁତ ସ୍ୱତନ୍ତ୍ର କଭରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦେଶିଆ ଓ କୁୱି ଭାଷା ପୁସ୍ତକ ପ୍ରସ୍ତୁତିରେ ଜଡିତ ଥିବା କୋରାପୁଟର ଆଦିବାସୀ ସମାଜର ଶିକ୍ଷକମାନଙ୍କୁ ନିର୍ମଳା ସୀତାରମଣ ସମ୍ମାନିତ କରିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।